94 YEARS OF PUBLICATION

Daily Edition: R.N.I. No. 4005/57

P.R. No. CK(C)/17/2012-2014

- Baleswar, Thursday, 21 November, 2013
- ବାଲେଶ୍ୱର, ଗୁରୁବାର, ୨୧ ନଭେମ୍ବର, ୨୦୧୩
- ଆଜି ବିଛା ୬ ଦିନ, ୧୪୨୧ ସାଲ
- କାର୍ତ୍ତିକ ୩୦ ଦିନ, ୧୯୩୫ ଶକାବ୍ଦ, କୃଷ୍ଣପକ୍ଷ ଚତୁର୍ଥୀ
- ଭାଗ- ୮୪ ସଂଖ୍ୟା-୩୧୭
- www.thesamaja.com www.samajaepaper.com

ଟ ୩.୦୦ (୧୬ ପୃଷ୍ଠା)

ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

କଟକ | ସମ୍ବଲପୁର | ବିଶାଖାପାଟଣା | କଲିକତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱରରୁ ପ୍ରକାଶିତ


# ମା' କୋଳକୁ ଫେରିଲା ମୂରଲୀଧର





ରାଇରଙ୍ଗପୁର, ୨୦।୧୧ (ନି.ପ୍ର.)- ବାମନଘାଟୀ ଉପଖଣ୍ଡ କୁସୁମୀ ବ୍ଲକର ଯୋରଦା ଗ୍ରାମପଞ୍ଚାୟତର ଅଖ୍ୟାତପଲ୍ଲୀ ଭାଲୁପାହାଡି ଗାଁ । ଆଜି ସକାଳୁ ଗ୍ରାମର ମନବୋଧ ବେହେରା ଓ ତାଙ୍କ ସ୍ତ୍ରୀ ସୀତା ବେହେରା ନିତ୍ୟ ନିୟମିତ ଭାବେ ଘରକାମରେ ବ୍ୟସ୍ତ ଥିଲେ । ସେତିକି ବେଳେ ସୁଦୂର ଚେନ୍ନାଇରୁ ଦେବଦୂତ ସାଜି ଖୋଜି ଖୋଜି ଘରେ ପହଞ୍ଚି ଥିଲେ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍ ସଙ୍ଗଠନର ମନୋଚିକିତ୍ସକ ଓ ସ୍ୱେଚ୍ଛାସେବୀ ଷ୍ଟିଫାନ୍ ନାଦର ଓ ସହକର୍ମୀ ଲକ୍ଷ୍ମୀ ନାୟାର । ସାଥିରେ ନେଇ ଆସିଥିଲେ ୯ବର୍ଷ ଧରି ନିଖୋଜ ଥିବା ତାଙ୍କ ଏକୋଇର ବଳା ବିଶିକେଶନ ପୁଅ ମୂରଲୀଧର ବେହେରା ଓରଫ ଗୁରୁକୁ । ଦାର୍ଘ ନଅବର୍ଷ ଧରି ମାନସିକ ଅସ୍ଥିରତା ଥାଇ ନିଖୋଜ ପୁଅକୁ ବହୁ ଖୋଜାଖୋଜି କରିନପାଇବାରେ ଥାନାରେ ଖବର ଦେବା ସହ ପୁଅ ପାଇଁ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିବା ତଥା ଝାଡଫୁଙ୍କ କରାଇଥିଲେ । ହେଲେ ଦୀର୍ଘ ବର୍ଷ ପରେ ଆଜି ତାଙ୍କ ପୁଅକୁ ଫେରିପାଇବାରେ ମାଆ ବାପାଙ୍କ ଆନନ୍ଦ ଦେଖିବାର ଥିଲା । ଅତ୍ୟନ୍ତ ଗରୀବ ଘରର ହୋଇଥିବା ସଙ୍ଗକୁ ତାଙ୍କର ଏକମାତ୍ର ଏତେବର୍ଷ ପରେ ଘରକୁ ଫେରିଆସିବା ନେଇ ଗାଁର ଲୋକେ ସମବେତ ହୋଇ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍‌ର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଗାଁରେ ଖୁସିର ମାହୋଲ ଥିଲା । ପ୍ରାପ୍ତ ତଥ୍ୟ ଅନୁସାରେ ଭାଲୁପାହାଡି ଗ୍ରାମର ମୂରଲୀଧର ବେହେରା ଓରଫ ଗୁରୁ ୨୦୦୪ ମସିହାରୁ କୁଆଡେ ଚାଲିଯାଇଥିଲା । ପରିବାରର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାକୁ ପାଇନଥିଲେ । ସେ ଟ୍ରେନ୍‌ରେ କୌଣସି ମତେ ଚେନ୍ନାଇ ପଳାଇଥିଲେ । ତାଙ୍କୁ ଉଦ୍ଧାର କରାଯିବା ପରେ ମଦୁରାଇ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ଚେନ୍ନାଇର କିଲପକ୍ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲ୍‌ଥ ଠାରେ ଚିକିତ୍ସା କରାଯାଇଥିଲା । ପରେ ପରେ ଡଃ.ଭାରତ ୱାଟୱାନି ଓ ଡଃ.ସ୍ମିତା ୱାଟୱାନିଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍‌ରେ ଚିକିତ୍ସା କରାଯିବା ପରେ ଗତ ତା ୧୨।୬।୨୦୧୩ ରିଖରେ ଭର୍ତ୍ତି କରାଯାଇ ଗତ ତା୧୫।୧୦।୨୦୧୩ରିଖରେ ଛାଡି ଦିଆଯାଇଥିଲା । ମାନସିକ ରୋଗୀ ତଥା ନିରାଶ୍ରୟଙ୍କ ଉଲ୍ଲେଖନୀୟ କାମ କରୁଥିବା ମହାରାଷ୍ଟ୍ରର କରଜତ୍‌ସ୍ଥିତ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍ ସଙ୍ଗଠନର ମନୋଚିକିତ୍ସକ ଓ ସ୍ୱେଚ୍ଛାସେବୀ ଷ୍ଟିଫାନ୍ ନାଦର ଓ ସହକର୍ମୀ ଲକ୍ଷ୍ମୀ ନାୟାର ଆଜି ମୂରଲୀକୁ ତାର ବୟୋବୃଦ୍ଧ ପିତାମାତାଙ୍କୁ ହସ୍ତାନ୍ତର କରଛନ୍ତି ।